# Akashvani, Sambalpur

## SAMBALPURI NEWS BULLETIN

### 20 October 2024- 6.47- 6.52 am.

*********************************************

କର୍ମଯୋଗୀ ହପ୍ତାର ଶୁଭାରମ୍ଭ          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଜାତୀୟ ଶିଖ୍‌ବାର୍ ହପ୍ତା - କର୍ମଯୋଗୀ ହପ୍ତାର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ସେ କହିଛନ୍ ଯେ, ଦେଶର୍ ବିକାଶ୍‌ଥି ଚାଲନ୍ ଶକ୍ତି ହେବାର୍‌କେ କର୍ମଯୋଗୀ ମିଶନ୍ ଜରିଏ ମାନବସମ୍ବଳ ତିଆର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଜାତୀୟ ଶିଖ୍‌ବାର୍ ହପ୍ତାନୁ ଯେନ୍ ଅଭିଜ୍ଞତା ଆଉ ନୂଆଁ ଜିନିଷ୍ ଶିଖ୍‌ବାର୍‌କେ ମିଲ୍‌ବା । ହେଟା ଦେଶର୍ କାମ୍ କର୍‌ବାର୍ ବ୍ୟବସ୍ଥାକେ ଶକ୍ତି ଦେବା ଆର୍ ଯେନ୍‌ଟାକି ୨୦୪୭ ମସିହାତକ୍ ବିକଶିତ୍ ଭାରତ୍‌ର ଲକ୍ଷ୍ୟ ହାସଲ୍ ଦିଗେ ସାହାଜ୍ କର୍‌ବା । ସର୍‌କାରୀ କର୍ମଚାରୀମାନେ ନାଗରିକ୍ କୈନ୍ଦ୍ରିକ ଆଭିମୁଖ୍ୟ ନେବାର୍ ସଙ୍ଗେ ନୂଆଁ ବୈଷୟିକ ଜ୍ଞାନ୍ କୌଶଲ୍ ବାବ୍‌ଦେ ଜାନ୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଜାତୀୟ ଲାଇଟ୍‌ହାଉସ୍ ମହୋତ୍ସବ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ଅର୍ଥନୀତିକେ ଜବର୍ କର୍‌ବାର୍‌କେ ଅଠିପହର୍ ଚେରେଷ୍ଟା ଚଲେଇଛନ୍ ବଲି କେନ୍ଦ୍ର ବନ୍ଦର୍ ପରିବହନ୍ ଆଉ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନ୍‌ୱାଲ୍ କହିଛନ୍ । ଜାହାଜ୍ ଆର୍ ବନ୍ଦର୍ ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ପୁରୀ ନ ପହେଲାକରି ହେଇଥିବା ଦ୍ୱିତୀୟ ଜାତୀୟ ଲାଇଟ୍‌ହାଉସ୍ ମହୋତ୍ସବ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ସୋନ୍‌ୱାଲ୍ ଗଣମାଧ୍ୟମ୍ ଜରିଏ କହିଛନ୍ ଯେ, ପୁର୍‌ଥି ନ ଭାରତ୍‌ର ଥିତି ୩ ନମ୍ବର୍ ହେବାର୍‌କେ ଯାଉଛେ ଆଉ ସେଥି ଦେଶର୍ ପର୍ଯ୍ୟଟନ୍‌ର ବିକାଶ୍ ଉପ୍‌ରେ ଜୋର୍ ଦିଆଯାଉଛେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଇଥର ପ୍ରବାସୀ ଭାରତୀୟ ଦିବସ ଓଡ଼ିଶା ନ ହେବା । ଆଏବା ୨୦୨୫ ମସିହା ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ୩ ଦିନ୍ ଧରିକରି ଓଡ଼ିଶା ନ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ଅନୁମୋଦନ୍ ଦେଇଛନ୍ । ହେତାର୍ ପ୍ରସ୍ତୁତି ବାବ୍ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ପାଖାପାଖି ୫ ହଜାର୍ ପ୍ରତିନିଧି ଭାଗ୍ ନେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କର୍ ସହେତେ ରାଜ୍ୟ ମୁଖ୍ୟମନ୍ତ୍ରୀ ଆର୍ ଦେଶ୍‌ବିଦେଶ୍‌ନୁ ପ୍ରବାସୀ ଭାରତୀୟମାନେ ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ଆର୍ ଆଏବା ୨୮ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ଥିବା ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇ ଦୁହି ଦିନ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେଇସାରିଛେ । ଫି’ ଅଭିଯୋଗ୍ ଶୁଣାଣି ଦିନର୍ ଲାଗି ହଜାରେ ଲୋକ୍ ପଞ୍ଜିକରଣ୍ କରିପାର୍‌ବେ । ଲୁକେ ଜନଶୁଣାଣି ପୋର୍ଟାଲ୍ ନାଇଁହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି

ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ପରିବାର୍ ପାଖାପାଖି ମାସିକ  ଆର୍ଏନ୍ୟୁ /ସମ୍ବଲପୁର

ଗଲା ୫ ବଛର୍ ଭିତ୍ରେ ପରିବାର୍ମାନ୍କର୍ ପାଖାପାଖି ମାସିକ ଆୟ ୫୭ ଦଶ୍ମିକ୍ ୬ ପ୍ରତିଶତ୍ ବଢ଼ିଛେ । ୨୦୨୧-୨୨ ବଛର୍ ଲାଗି ଜାତୀୟ କୃଷି ଆଉ ଗ୍ରାମୀଣ ବିକାଶ୍ ବେଙ୍କ- ନାବାର୍ଡ଼ ତର୍ଫୁ ହେଇଥିବା ସର୍ବଭାରତୀୟ ଗ୍ରାମୀଣ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ସର୍ବେକ୍ଷଣ୍ନୁ ଇ ତଥ୍ୟ ମିଲିଛେ । ସୂଚ୍ନା ଅନ୍ସାରେ ଗାଁ ଇଲାକାର୍ ପରିବାର୍ମାନ୍କର୍ ମାସିକ୍ ଆୟ ୨୦୧୬-୧୭ ବଛ୍ରେ ୮ ହଜାର୍ ୫୯ ଟଙ୍କା ଥିବାର୍ ବେଲେ ୨୦୨୧-୨୨ ବଛ୍ରେ ହେଟା ୧୨ ହଜାର୍ ୬ ଶହ ୮୯ ଟଙ୍କାକେ ବଢ଼ିଛେ । ସେନ୍ତା ଗାଁ ଇଲାକାର୍ ପରିବାର୍ମାନ୍କର୍ ପାଖାପାଖି ମାସିକ୍ ଖର୍ଚ୍ଚା ୨୦୧୬-୧୭ ବଛ୍ରେ ୬ ହଜାର୍ ୬ ଶହ ୪୬ ଟଙ୍କା ଥିବାର୍ ବେଲେ ୨୦୨୧-୨୨ ବଛ୍ରେ ହେଟା ୧୧ ହଜାର୍ ୨ ଶହ ୬୨ ଟଙ୍କାକେ ବଢ଼ିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ସିଙ୍ଗାପୁର୍, ଅଷ୍ଟ୍ରେଲିଆ ଗସ୍ତ

ଆର୍‌ଏନ୍‌ୟୁ / ସମ୍ବଲପୁର

ଶିକ୍ଷା କ୍ଷେତ୍ର ନ ଦୁଇପାଖିଆ ସହଯୋଗ୍ ବଢ଼ାବାର୍‌କେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍‌ନୁ ଗୁଟେ ପ୍ରତିନିଧି ମଣ୍ଡଲୀ ସାଙ୍ଗେ ୭ ଦିନିଆ ସିଙ୍ଗାପୁର୍ ଆର୍ ଅଷ୍ଟ୍ରେଲିଆ ଗସ୍ତ ନ ଯାଇଛନ୍ । ଇ ଗସ୍ତ ସମିଆଥି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଏସିଆର୍ ୧ ନମ୍ବର୍ ମାଏନ୍‌ତା ପାଇଥିବା ସିଙ୍ଗାପୁର୍‌ର ନେସ୍‌ନାଲ୍ ୟୁନିଭର୍‌ସିଟି ଦେଖିବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ସେ ଅଷ୍ଟ୍ରେଲିଆ ନ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀଥି ଭିଲ୍ ଯୋଗ୍ ଦେବେ ବଲି ସୂଚ୍‌ନା ମିଲିଛେ ।

ରାଜସ୍ୱ ମନ୍ତ୍ରୀ-ଅଧିକାରୀଙ୍କର ମୂଲ୍ୟାଙ୍କନ ଆର୍‌ଏନ୍‌ୟୁ / ସମ୍ବଲପୁର

ଏତ୍‌କର ସାଧାରଣ୍ ଲୁକେ ରାଜସ୍ୱ ବିଭାଗ୍‌ର ଅଧିକାରୀମାନ୍‌କର୍ କାର୍ଯ୍ୟଦକ୍ଷତାର ମୂଲ୍ୟାଙ୍କନ୍ କର୍‌ବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ଲୁକେ ଅଧିକାରୀମାନ୍‌କର୍ କାର୍ଯ୍ୟଦକ୍ଷତାକେ ନେଇକରି ଅଫ୍‌ଲାଇନ୍ ଆର୍ ଅନ୍‌ଲାଇନ୍‌ଥି ମାର୍କ ଦେଇପାର୍‌ବେ । ରାଜସ୍ୱ ସେବା ଯୁଗଉଥିବା ସବୁ ଅଫିସ୍ ନ

ରେଜିଷ୍ଟର୍ ରହେବା । ସେ ଅଫିସ୍‌କେ ଆସୁଥିବାର୍ ଲୁକେ ରେଜିଷ୍ଟର୍‌ଥି ଅଧିକାରୀଙ୍କୁ ୧୦ ନୁ କେତେ ମାର୍କ ଦେବେ ସେଟା ଲେଖିବେ । ହେତାର୍ ଆଧାର୍‌ଥି ସେ ଅଧିକାରୀଙ୍କର୍ ଉପ୍‌ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଯୁବା ସଂଗମ ଆର୍‌ଏନ୍‌ୟୁ / ସମ୍ବଲପୁର

ଏକ୍ ଭାରତ ଶ୍ରେଷ୍ଠ ଭାରତ୍ କାର୍ଯ୍ୟକ୍ରମ୍‌ଥି ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ଯୁବା ସଂଗମ୍ ମୁଲ୍ ହେବାର୍‌କେ ଯାଉଛେ । ଇ ୫ ନମ୍ବର୍ ଖେପର୍ ଯୁବାସଂଗମ୍ ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେଇଛେ । ଆଏବା ୨୧ ତାରିଖ୍‌ତକ୍ ଇ ପଞ୍ଜିକରଣ୍ ଚାଲ୍‌ବା । ୧୮ ନୁ ୩୦ ବଛର୍ ବୟସର୍ ଆଗ୍ରହୀ ଯୁଆନ୍ ପିଲା ଟୁକେଲ୍ ଇଥି ନିଜର୍ ନାଁ ପଞ୍ଜିକରଣ୍ କରିପାର୍‌ବେ । ଯୁବା ସଂଗମ ଲାଗି ଜୁଡ଼େ ଲେଖା ରାଜ୍ୟକେ ନେଇକରି ତାଲିକା ତିଆର୍ ହେଇଛେ । ହେଥି ଓଡ଼ିଶା ସାଙ୍ଗେ ମହାରାଷ୍ଟ୍ର ରାଜ୍ୟକେ ଜୁଡ଼ାଯାଇଛେ । ପଞ୍ଜିକରଣ୍ ହେଇଥିବା ଯୁଆନ୍ ପିଲା ଟୁକେଲ୍ ଇ ଦୁହି ରାଜ୍ୟକେ ଯାଇକରି ସେ ରାଜ୍ୟବାବ୍‌ଦେ ସବୁ ପ୍ରକାର୍‌ର ଜ୍ଞାନ୍ ହାସଲ୍ କର୍‌ବେ ।

ଉପମୁଖ୍ୟମନ୍ତ୍ରୀ- ରବି କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଖାଦ୍ୟ ନିରାପତା ଯୋଜ୍‌ନାଥି ଧାନ୍ ବଦ୍‌ଲା ପଡ଼ିଆ ଜମିନ୍‌ଥି ଦାଏଲ୍ ଆର୍ ତୈଲବୀଜ ଫସଲ୍ ଚାଷ୍ ଲାଗି ଆର୍ଥିକ୍ ସାହାଜ୍ ସଙ୍ଗେ ସୂର୍ଯ୍ୟମୁଖୀ ଆର୍ ମୁଖ୍‌ଫଲି ଚାଷ୍ ଆର୍ ମହୁମାଛି ପାଲନ୍ ଲାଗି କ୍ଷେତ୍ର ପ୍ରଦର୍ଶନ୍ ଖର୍ଚ୍ଚା ବଢ଼ାବାର୍‌କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କେନ୍ଦ୍ର ସର୍‌କାର୍‌ଙ୍କର୍ ଠାନେ ଦାବି ରଖିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ ହେଇଥିବା ଜାତୀୟ ରବି ଫସଲ୍ କାର୍ଯ୍ୟକ୍ରମ୍ ବୈଠକ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କେନ୍ଦ୍ର କୃଷି ଆଉ କୃଷକ୍ ମନ୍ତ୍ରଣାଳୟ ପାଖେ ହେ ଦାବି ରଖିଥିବାର୍ ଜନାପଡ଼ିଛେ ।

ବିକଶିତ ଗାଁ - ବିକଶିତ୍ ଓଡ଼ିଶା ଆର୍‌ଏନ୍‌ୟୁ /ସମ୍ବଲପୁର

ଆମ ଓଡ଼ିଶା- ନବୀନ ଓଡ଼ିଶାର୍ ନାଁ ବଦ୍‌ଲିକରି ଏତ୍‌କର ବିକଶିତ ଗାଁ - ବିକଶିତ୍ ଓଡ଼ିଶା ହେବା । ୨ ଦିନ୍ ଭିତ୍‌ରେ ଇ ବାବ୍‌ଦେ ନୂଆଁ ମାର୍ଗଦର୍ଶିକା ଆଏବା ବଲି ପଂଚାୟତିରାଜ୍‌ମନ୍ତ୍ରୀ

ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍ ପଂଚାୟତ୍ ପ୍ରତିନିଧିମାନ୍‌କୁ ଅଏତ୍‌କା ସଶକ୍ତ କରାଯିବା ଆର୍ ସେମାନ୍‌କୁ ହିଁ ପ୍ରାଧାନ୍ୟ ମିଲ୍‌ବା । ଲୋକ୍‌ମାନ୍‌କର୍ ପ୍ରସ୍ତାବ୍ ଅନ୍‌ସାରେ ଗାଁ ଆର୍ ପଂଚାୟତ୍‌ର ବିକାଶ୍ ହେବା । ଆଏବା ଦିନେ ପଂଚାୟତ୍‌ରାଜ୍ ବ୍ୟବସ୍ଥାକେ ଅଏତ୍‌କା କ୍ରୀୟାଶୀଳ କରାଯିବା ଆର୍ ଗ୍ରାମସଭା ଆର୍ ପଲ୍ଲୀସଭାକେ ସବୁନୁ ଜହ ଗୁରୁତ୍ୱ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବର୍‌ଗଡ଼୍ ଧନୁଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

୭୭ ନମ୍ବର୍ ବର୍‌ଗଡ଼୍ ଧନୁଯାତ୍ରା ମହୋତ୍ସବ୍ ଆଏବା ବଛର୍ ଜାନଆରୀ ୩ ତାରିଖ୍‌ନୁ ମୁଲ୍ ହେଇକରି ୧୩ ତାରିଖ୍‌ତକ୍ ଚାଲ୍‌ବା । ଗଲାକାଏଲ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେତାର୍ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଏବା ଧନୁଯାତ୍ରାକେ କେନ୍ତା ବଢ଼ିଆଁ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା ହେଇଥିଲା ।